



# ଅନୁଗୋଳକୁ ଶିଳ୍ପ ସମୃଦ୍ଧିର ନୂତନ ଶିଖରକୁ ନିଅ

## ଏଡିସିସିଆଇ ସୁବର୍ଣ୍ଣ ଜୟନ୍ତୀରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଆହ୍ୱାନ




ମଞ୍ଚାସୀନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସହ ଅନ୍ୟ ଅତିଥିମାନେ।

ଅନୁଗୋଳ,୨୮।୨(ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଜିଲା ବାଣିଜ୍ୟ ଓ ଶିଳ୍ପ ସଂଘ (ଏଡିସିସିଆଇ)ର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଶନିବାର ଅପରାହ୍ନ ୧ଟା ୩୦ ପରେ ବିଜୁ ମଇଦାନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ଅନ୍ୟତମ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ତଥା ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପାଲଲହଡା ବିଧାୟକ ଅଶୋକ ମହାନ୍ତି ଯୋଗ ଦେଇଥିଲେ। ଅନୁଗୋଳର ଶିଳ୍ପ ସମୃଦ୍ଧିକୁ ଏକ ନୂତନ ଶିଖରକୁ ନେବାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଜିଲାରେ ଅତ୍ୟାଧୁନିକ ବ୍ୟବସାୟିକ ପରିବେଶ ସୃଷ୍ଟି କରିବା ସହ ସ୍ଥାନୀୟ ଯୁବପିଢ଼ିଙ୍କୁ 'ୱେଲଥ କ୍ରିଏଟର' ଭାବେ ଗଢ଼ିତୋଳିବା ଆମ ସମସ୍ତଙ୍କର ମୂଳ ଲକ୍ଷ୍ୟ ହେବା ଦରକାର ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରକାଶ କରିଥିଲେ। ଏହି ଅବସରରେ 'ଡାକ୍ତର ଦେବେନ୍ଦ୍ର ପ୍ରଧାନ ବାଣିଜ୍ୟ ଭବନ'ର ଭୂମିପୂଜନ କରିଥିଲେ।

କେନ୍ଦ୍ରମନ୍ତ୍ରୀ କହିଥିଲେ, ଏଡିସିସିଆଇର ୫୦ ବର୍ଷର ସଫଳ ଯାତ୍ରା ଅନୁଗୋଳ ଜିଲାର ଅର୍ଥନୈତିକ ପ୍ରଗତିର ଜ୍ୱଳନ୍ତ ପ୍ରତିଛବି। ଅନୁଗୋଳ ହେଉଛି ଏକ 'ଲଘୁ ଭାରତ'। ଏଠାରେ ଥିବା ଖଣି, କାରଖାନା ରାଜ୍ୟ ଓ ଦେଶକୁ ବ୍ୟାପକ ରାଜସ୍ୱ ଯୋଗାଇଆସୁଛି। ବିଦ୍ୟୁତ୍ ଉତ୍ପାଦନରେ ଅନୁଗୋଳର ଅଗ୍ରଣୀ ଭୂମିକା ଗର୍ବର ବିଷୟ। ଜିଲାର ପ୍ରାୟ ୨ ଲକ୍ଷ ହେକ୍ଟର ଚାଷ ଜମିକୁ ଆଧାର କରି ଏଗ୍ରୋ-ଇଣ୍ଡଷ୍ଟ୍ରିର ପ୍ରସାର ଆବଶ୍ୟକ। ଟିକରପଡ଼ାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ତାଳଚେର-ଅନୁଗୋଳ ଅଞ୍ଚଳର ହୋଟେଲ ଶିଳ୍ପକୁ କେନ୍ଦ୍ରକରି ଏକ ଆଧୁନିକ ପର୍ଯ୍ୟଟନ ହବ୍ ଗଠନର ଯୋଜନା କରାଯିବା ଦରକାର। ସ୍ଥାନୀୟ ଯୁବପିଢ଼ିଙ୍କୁ କେବଳ ଚାକିରି ପ୍ରାର୍ଥୀ ଭାବେ ନୁହେଁ, ବରଂ ଉଦ୍ୟମୀ ଓ ସମ୍ପଦ ସୃଷ୍ଟିକାରୀ ଭାବେ ଗଢ଼ିବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ସରକାରଙ୍କ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ କହିଥିଲେ, ପୂର୍ବ ଓ ପଶ୍ଚିମ ଓଡ଼ିଶାକୁ ସେତୁବନ୍ଧନ କରୁଥିବା ଜିଲା ହେଉଛି ଅନୁଗୋଳ। ଶକ୍ତି ଉତ୍ପାଦନ ଓ ମେଟାଲ ହବ୍ ଭାବେ ଜିଲାର ସ୍ଥାନ ସୁଦୃଢ଼ ହୋଇଛି। ଯୁବ ସମାଜ ଏହି ସୁଯୋଗର ଫାଇଦା ଉଠାଇ ଆଗକୁ ବଢ଼ନ୍ତୁ। ଅନ୍ୟତମ ଅତିଥି ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ, ଶିଳ୍ପକ୍ଷେତ୍ରରେ ଅନୁଗୋଳ ଆଗକୁ ବଢୁଥିଲେ ମଧ୍ୟ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ଆହୁରି ବ୍ୟାପକ ସମ୍ଭାବନା ରହିଛି। ଏହି କ୍ଷେତ୍ରର ବିକାଶ ହେଲେ ହିଁ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଲକ୍ଷ୍ୟ ସାଧିତ ହେବ। ସମାରୋହରେ ପ୍ରତିଷ୍ଠାନର ଅଧ୍ୟକ୍ଷ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ଜୈନ, ସଭାପତି ଦୀପକ

## ଅଭିଭାବକଙ୍କ ଅଭିଯୋଗ ପରେ ବନ୍ଦ ହେଲା ଆୟୋଜନ

ଅନୁଗୋଳ,୨୮।୨(ଜ୍ୟୋତିରଞ୍ଜନ ସାହୁ)

ଛାତ୍ରୀଛାତ୍ରଙ୍କ ବୋର୍ଡ ପରୀକ୍ଷା କେନ୍ଦ୍ର ନିକଟ ବିଜୁ ମଇଦାନରେ ଆୟୋଜିତ ଏକ ବଡ଼ କାର୍ଯ୍ୟକ୍ରମକୁ ନେଇ ପ୍ରଶାସନର ଭୂମିକା ଉପରେ ପ୍ରଶ୍ନ ଉଠାଇଛନ୍ତି ବହୁ ଅଭିଭାବକ। ମଇଦାନରୁ ପ୍ରାୟ ୧୦ ମିଟର ଦୂରତାରେ ଥିବା ଏକ ପରୀକ୍ଷା କେନ୍ଦ୍ରରେ ସକାଳ ୧୦ଟା ୩୦ରୁ ଅପରାହ୍ନ ୧ଟା ୩୦ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ବୋର୍ଡ ପରୀକ୍ଷା ଦେଉଥିବାବେଳେ ବିଜୁ ମଇଦାନ ମଞ୍ଚରେ ସାଉଣ୍ଡ ସିଷ୍ଟମ ବାଜିଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ପରୀକ୍ଷା ସମୟରେ ଶବ୍ଦ ପ୍ରଦୂଷଣ ଯୋଗୁ ଛାତ୍ରୀଛାତ୍ରଙ୍କ ପକ୍ଷେ ପରୀକ୍ଷା ଦେବା କଷ୍ଟକର ହୋଇଥିବା ଅଭିଭାବକମାନେ କହିଛନ୍ତି। କେତେଜଣ ଅଭିଭାବକ ଏ ନେଇ ଏସ୍‌ପିଙ୍କୁ ଅଭିଯୋଗ କରିଥିବାରୁ ପୋଲିସ ତୁରନ୍ତ କାର୍ଯ୍ୟକ୍ରମ ବନ୍ଦ କରାଇଥିଲା। ହେଲେ ପରୀକ୍ଷା ସରିବାର ପ୍ରାୟ ୧୫ ମିନିଟ ପୂର୍ବରୁ ଆୟୋଜକ ସଂଘ ପକ୍ଷରୁ ବାଣ ଫୁଟାଯାଇଥିବା ଅଭିଯୋଗ ହେଉଛି। ଏହାପରେ ପୋଲିସ ସଂଘ ସଭାପତିଙ୍କୁ ପଚରାଉଚରା ପାଇଁ ଥାନାକୁ ନେଇଥିଲା। ବୋର୍ଡ ପରୀକ୍ଷା କେନ୍ଦ୍ର ନିକଟରେ ଏତେ ବଡ଼ ଆୟୋଜନ ପାଇଁ ଅନୁମତି କିପରି ଦିଆଗଲା ତାହାକୁ ନେଇ ଅଭିଭାବକମାନେ ପ୍ରଶ୍ନ ଉଠାଇଛନ୍ତି।

# କେନ୍ଦ୍ରମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ଜିଲା କଂଗ୍ରେସ

ଅନୁଗୋଳ,୨୮।୨ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲା କଂଗ୍ରେସ ସଭାପତି ସୁନୀଲ କୁମାର ପ୍ରଧାନ ସ୍ଥାନୀୟ କଂଗ୍ରେସ ଭବନଠାରେ ଏକ ଖବରଦାତା ସମ୍ମିଳନୀ କରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଛନ୍ତି। ଜିଲା କଂଗ୍ରେସ ସଭାପତି ଅଭିଯୋଗ କରିଛନ୍ତି, ଏନ୍‌ସିଇଆର୍‌ଟି ପକ୍ଷରୁ ପ୍ରକାଶିତ ୮ମ ଶ୍ରେଣୀ ସାମାଜିକ ବିଜ୍ଞାନ ପୁସ୍ତକରେ ଦେଶର ନ୍ୟାୟପାଳିକାକୁ ନିନ୍ଦିତ କରାଯାଇଛି। ଏହାକୁ କେନ୍ଦ୍ରମନ୍ତ୍ରୀ ହାଲୁକା ଭାବେ ଗ୍ରହଣକରି ତଳତଳିଆଙ୍କ ଉପରେ ଦୋଷ ଲଦି ଖସିଯିବାକୁ ଚାହୁଁଛନ୍ତି। ଶନିବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଅନୁଗୋଳ ଜିଲା ଚାମ୍ବର ଅଫ୍ କମର୍ସର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସ୍ଥାନୀୟ ବିଜୁ ମଇଦାନଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ କାର୍ଯ୍ୟକ୍ରମ ସ୍ଥଳଠାରୁ ମାତ୍ର ୨୫ ମିଟର ଦୂରରେ ରୋଟାରି ପବ୍ଲିକ ସ୍କୁଲରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଚାଲୁଥିଲା। ସମାରୋହ ସ୍ଥଳରେ ଡାକବାଜି ଯନ୍ତ୍ର ବ୍ୟବହାର ହୋଇଥିବାବେଳେ ପରୀକ୍ଷାର୍ଥୀଙ୍କ ଅଭିଭାବକମାନେ ଡାକବାଜି ଯନ୍ତ୍ର ବନ୍ଦ କରିବାକୁ ଆୟୋଜକ ଓ ପ୍ରଶାସନ ପାଖରେ ଦାବି ରଖିଥିଲେ। କାର୍ଯ୍ୟକ୍ରମକୁ ପରୀକ୍ଷା ଶେଷ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ପୋଲିସର ସ୍ପଷ୍ଟ ନିର୍ଦ୍ଦେଶ ଥିଲେ ମଧ୍ୟ ପରୀକ୍ଷା ଶେଷ ହେବାର କିଛି ସମୟ ପୂର୍ବରୁ ପୁଣି ଡାକବାଜି ଯନ୍ତ୍ର ବାଜିଥିଲା। ପାଖରେ ସ୍କୁଲ ଥିଲେ ମଧ୍ୟ ତାହାକୁ ବିଚାରକୁ ନିଆ ନ ଯାଇ କିଭଳି ଅନୁମତି ପ୍ରଦାନ କରାଯାଇଥିଲା ବୋଲି ଜିଲା କଂଗ୍ରେସ ସଭାପତି ପ୍ରଶ୍ନ କରିଛନ୍ତି। ଏହାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା କଂଗ୍ରେସ ଦାବି କରୁଛି ବୋଲି ସଭାପତି ପ୍ରଧାନ ପ୍ରକାଶ କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ବରିଷ୍ଠ ନେତା ତପନ ପ୍ରଧାନ, ରୂପାଦୀପ୍ତା ମହାପାତ୍ର, ଗୋପାଳ ଚନ୍ଦ୍ର ନାଥ, ଚିତ୍ତରଞ୍ଜନ ନାଏକ, ସନ୍ତୋଷ ପଟ୍ଟନାୟକ, ସୁଦୀପ ମିଶ୍ର, ସଞ୍ଜୀବ ମାଣ୍ଡେଠିଆ, ବିନୋଦ ମାଝୀ, ରାକେଶ ମିଶ୍ର, ରଶ୍ମି ରଞ୍ଜନ ସାହୁ, ପ୍ରଦ୍ୟୁମ୍ନ ସାହୁ, ସରୋଜ ଶତପଥୀ, ମାନିନୀ ପ୍ରଧାନ, ସଂଗ୍ରାମ ବେହେରା, ଅଶୋକ ନାଏକ, ଅବିନାଶ ଦଳବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତିଙ୍କ ସହ ଅନ୍ୟମାନେ।

# ଆଉ ୮ ନୂଆ ଆକ୍ରାନ୍ତ, ଘଟଣାସ୍ଥଳରେ ମେଡିକାଲ ଟିମ୍

ଅନୁଗୋଳ,୨୮।୨(ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ସହର ନିକଟ ତୁବେ ଗ୍ରାମରେ ଗତ ବୁଧବାର ରାତିରେ ଏକ ବିବାହ ଉତ୍ସବରେ ଭୋଜି ଖାଇ ଆଖପାଖ ଅଞ୍ଚଳରୁ ଶତାଧିକ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ସେମାନଙ୍କ ମଧ୍ୟରୁ କେତେଜଣ ଘରକୁ ଫେରିଥିବା ବେଳେ ଶନିବାର ଆଉ ୮ ଜଣ ଏଥିରେ ଆକ୍ରାନ୍ତ ହେବାରୁ ବର୍ତ୍ତମାନ ଚିକିତ୍ସାଧୀନଙ୍କ ସଂଖ୍ୟା ୩୦କୁ ବୃଦ୍ଧି ପାଇଛି ବୋଲି ସୂଚନା ମିଳିଛି। ଚିକିତ୍ସାଳୟରେ ଅଧିକ ବେଡ୍ ବ୍ୟବସ୍ଥା କରାଯାଇଛି। ଖବରପାଇ ମେଡିକାଲ ପକ୍ଷରୁ ୨ଟି ଟିମ୍ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ସମୀକ୍ଷା କରିଛନ୍ତି। ଅସୁସ୍ଥଙ୍କୁ ପ୍ରାଥମିକ ଚିକିତ୍ସା ସହ ଆବଶ୍ୟକ ଔଷଧ ବଣ୍ଟନ କରାଯାଇଛି। ଗୁରୁତର ଅବସ୍ଥାରେ ଥିବା କେତେଜଣ ରୋଗୀଙ୍କୁ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଘର ଘର ବୁଲି ସମସ୍ତଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯିବା ସହ ଓଆର୍‌ଏସ୍ ଏବଂ ଔଷଧ ବଣ୍ଟନ କରାଯାଇଛି। ଘଟଣାର କାରଣ ଖୋଜିବା ପାଇଁ ବିବାହ ଭୋଜିରେ ପ୍ରସ୍ତୁତ ଖାଦ୍ୟର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଲ୍ୟାବକୁ ପଠାଯାଇଛି। ରିପୋର୍ଟ ଆସିଲେ ଘଟଣାର କାରଣ ସ୍ପଷ୍ଟ ହେବ ବୋଲି ସ୍ୱାସ୍ଥ୍ୟ ବିଭାଗ କହିଛି।

# କୃଷି, ଜଳସେଚନ, ଶିଳ୍ପକୁ ନେଇ ମାଷ୍ଟରପ୍ଲାନ କରାଯାଉ

## ଦିଶା କମିଟି ଏବଂ ୬୧ତମ ଜିଲା ପରିଷଦ ବୈଠକ

ଅନୁଗୋଳ,୨୮।୨(ମାନସ ବିଶ୍ୱାଳ)

ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଶନିବାର ଜିଲା ପ୍ରଶାସନ ଏବଂ ଜିଲାପରିଷଦ ଦ୍ୱାରା ଜିଲା ବିକାଶ ସମନ୍ୱୟ ଓ ତଦାରଖ କମିଟି (ଦିଶା) ଏବଂ ୬୧ତମ ଜିଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ଏମ୍‌ପି ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲାପାଳ ଅବଦଲ ମୁହମ୍ମଦ ଅଖତାର ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅନୁଗୋଳ ଜିଲାର କୃଷି, ପାନୀୟ ଜଳ, ଜଳସେଚନ, ଶିଳ୍ପ ଆଦିକୁ ନେଇ ଏକ ସୁନିୟୋଜିତ ମାଷ୍ଟର ପ୍ଲାନ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜିଲାର ଗୁଣାତ୍ମକ ଅଭିବୃଦ୍ଧି ପାଇଁ ଜନପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀ ମିଳିତ ସହଯୋଗରେ କାମ କରିବାକୁ ସେ ପରାମର୍ଶ ଦେଇଥିଲେ।

ବୈଠକରେ ଜିଲାର ବିଭିନ୍ନ ବିକାଶମୂଳକ ଯୋଜନାର କାର୍ଯ୍ୟକାରିତା ଉପରେ ସମୀକ୍ଷା କରାଯିବା ସହିତ ସ୍ୱାସ୍ଥ୍ୟସେବା, ଶିକ୍ଷା, ଦକ୍ଷତା ବିକାଶ, କୃଷି, ଜଳସେଚନ, ପାନୀୟ ଜଳ, ନିରନ୍ତର ବିଦ୍ୟୁତ୍ ଯୋଗାଣ ଉପରେ ଆଲୋଚନା କରାଯାଇଥିଲା। ଏହାସହିତ ଜାତୀୟ ରାଜପଥର ସମ୍ପ୍ରସାରଣ, ରେଲ୍‌ୱେ ଅଣ୍ଡରପାସ୍, ନୂତନ ସଡ଼କ ଭିତ୍ତିଭୂମି, ଶ୍ରମିକମାନଙ୍କ ସାମାଜିକ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ବିଭିନ୍ନ ବିଭାଗଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ କାମ ସମ୍ପୂର୍ଣ୍ଣ କରିବାକୁ ଓ ଜନହିତକର ଯୋଜନାଗୁଡ଼ିକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବାକୁ କେନ୍ଦ୍ରମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହାସହିତ ପିଏମ୍ ସୂର୍ଯ୍ୟଘର ଯୋଜନା ମାଧ୍ୟମରେ ଜିଲାର ଯେପରି ସର୍ବାଧିକ ଘରେ ସୋଲାର ପ୍ୟାନେଲ ଲାଗିପାରିବ ତାହା ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପାଲଲହଡା ବିଧାୟକ ଅଶୋକ ମହାନ୍ତି, ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଆଇଏଏସ୍ ପ୍ରୋବେଶନର କସ୍ତୁରୀ ସା, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ଜିଲା ପରିଷଦ ସଦସ୍ୟଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଆରମ୍ଭ ହେଲା ଅଟୋମେଟିକ୍ ଟ୍ରାଫିକ୍ ସିଗ୍‌ନାଲ

ଅନୁଗୋଳ,୨୮।୨(ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ସହରର ୫ଟି ମୁଖ୍ୟ ସ୍ଥାନରେ ଅଟୋମେଟିକ ଟ୍ରାଫିକ ସିଗନାଲ ବ୍ୟବସ୍ଥା ଶନିବାରଠାରୁ ଆରମ୍ଭ ହୋଇଛି। ଅନୁଗୋଳ ଥାନା ଛକରେ ଏହି ସିଗନାଲ ବ୍ୟବସ୍ଥାର ଉଦ୍‌ଘାଟନ କରିଛନ୍ତି ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ। ସହରର ଥାନା ଛକ ସହିତ ହେମସୁରପଡା ଛକ, ହୁଲୁରସିଂହା ଛକ, କାଲଟାକ୍ସ ଛକ ଓ ପିଟିସି ଛକରେ ଏହି ଆଧୁନିକ ସିଗନାଲ ବ୍ୟବସ୍ଥା ସ୍ଥାପିତ ହୋଇଛି। ଉଦଘାଟନ ଅବସରରେ ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ, ଅନୁଗୋଳ ଏସ୍‌ପି ରାହୁଲ ଜୈନ ଓ ପୌରାଧ୍ୟକ୍ଷ ଅକ୍ଷୟ ସାମନ୍ତଙ୍କ ସହିତ ଅନ୍ୟ ପୋଲିସ ଓ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ନୂତନ ସିଗନାଲ ବ୍ୟବସ୍ଥା ଚାଲୁ ହେବା ସହିତ ଯାନଚାଳକମାନଙ୍କୁ ନିୟମ ମାନି ଚାଲିବାକୁ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି। ସହରରେ ଶୃଙ୍ଖଳାବଦ୍ଧ ଯାତାୟାତ ବ୍ୟବସ୍ଥା ସୁନିଶ୍ଚିତ କରିବାରେ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ବୋଲି ଏସ୍‌ପି କହିଛନ୍ତି।



ସହରରେ କାର୍ଯ୍ୟକ୍ଷମ ଟ୍ରାଫିକ ସିଗ୍‌ନାଲ।

# ଆଠମଲ୍ଲିକରେ ମହାନଦୀ ବଞ୍ଚାଅ ଆନ୍ଦୋଳନ

ଆଠମଲ୍ଲିକ,୨୮।୨(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ଧଳପୁର ସେତୁସ୍ଥିତ ମହାନଦୀ ଗର୍ଭରେ ମହାନଦୀ ବଞ୍ଚାଅ ଆନ୍ଦୋଳନ ଉପଲକ୍ଷେ ଏକ ବିକ୍ଷୋଭ କରାଯାଇଥିଲା। ମହାନଦୀ ବଞ୍ଚାଓ ଆନ୍ଦୋଳନର ରାଜ୍ୟ ଆବାହକ ସୁଦର୍ଶନ ଦାଶଙ୍କ ଆହ୍ୱାନ କ୍ରମେ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ରାଜ୍ୟ ସାଧାରଣ ସମ୍ପାଦକ ତଥା ସାମାଜିକ କର୍ମୀ ସୁବାସ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ବହୁ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ୭ ବର୍ଷ ପୂର୍ବରୁ ଗଠନ ହୋଇଥିବା ଟ୍ରିବ୍ୟୁନାଲ ଆଜି ପର୍ଯ୍ୟନ୍ତ କୌଣସି ସମାଧାନ ସମ୍ପର୍କିତ ରାୟ ପ୍ରକାଶ ନ କରିବା ଓ ଅନ୍ତରୀଣ ରାୟ ଶୀଘ୍ର ପ୍ରକାଶ କରିବା ଦାବିରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସାମାଜିକ କର୍ମୀ ସୁବାସ ଚନ୍ଦ୍ର ପ୍ରଧାନଙ୍କ ସମେତ ବ୍ଲକ କଂଗ୍ରେସ ସଭାପତି ସୁରେନ୍ଦ୍ର ସାହୁ, ଯୁବ ସଙ୍ଗଠକ କିଶୋର ମହାକୁଡ଼, ମନୋଜ କୁମାର ପ୍ରଧାନଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।

# ଜୈବ ବିବିଧତାର ସଂରକ୍ଷଣ ସମ୍ପର୍କରେ ଆଲୋଚନା

ବନ୍ତଲା,୨୮।୨(ସୁଶିତ ସାହୁ)

ବନ୍ତଲା ଡିଗ୍ରୀ କଲେଜ ଅଡିଟୋରିୟମ ହଲ୍‌ରେ ଉଦ୍ଭିଦ ବିଜ୍ଞାନ ବିଭାଗର ବାର୍ଷିକ ସେମିନାର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପଦ୍ମଚରଣ ସାହୁ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅତିରିକ୍ତ ପ୍ରଫେସର ଡ. ସୂର୍ଯ୍ୟ ନାରାୟଣ ପ୍ରଧାନ ଯୋଗଦେଇ ଜୈବ ବିବିଧତା ଓ ତାର ସଂରକ୍ଷଣ ସମ୍ପର୍କରେ ଆଲୋଚନା କରିଥିଲେ। ସେମିନାର ସମ୍ପାଦକ ଅଂଶୁମାନ ସାହୁ, ପ୍ରତ୍ୟୁଷା ଶତପଥୀ, ତେଜସ୍ୱୀତା ବେହେରା, ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ମେଡିକାଲ କଲେଜ ଓ ହସ୍ପିଟାଲ ସମସ୍ୟା ନେଇ ଦାବିପତ୍ର

ତାଳଚେର,୨୮।୨ (ମନୋଜ ନନ୍ଦ)

ତାଳଚେର ପବିତ୍ର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲ ସମସ୍ୟାର ସମାଧାନ ପାଇଁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ଅନୁରୋଧ ପତ୍ର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଶନିବାର ପିଏମ୍‌ଆଇଟିଠାରେ ପ୍ରଦାନ କରାଯାଇଛି। କମିଟି ସଭାପତି ପଦ୍ମ ଚରଣ ସାମଲ, ସାଧାରଣ ସମ୍ପାଦକ ବିଜୟ କୁମାର ପ୍ରଧାନ, ବଳରାମ ପତି, ରଣଜିତ କୁମାର ମହାପାତ୍ର କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିବା ସହିତ ଅନୁରୋଧ ପତ୍ର ପ୍ରଦାନ କରିଥିଲେ। ତାଳଚେର ପବିତ୍ର ମୋହନ ମେଡିକାଲ କଲେଜର ମେଡିକାଲକୁ ପବିତ୍ର ମୋହନ ମେଡିକାଲ ବଦଳରେ ଅନୁଗୋଳ ଜିଲା ମେଡିକାଲରେ କରାଗଲା। ବର୍ତ୍ତମାନ ଜିଲା ମେଡିକାଲରେ ତାଳଚେର ପବିତ୍ର ମୋହନ ମେଡିକାଲ କଲେଜର ମେଡିକାଲ କାର୍ଯ୍ୟ କରୁଛି। ତାଳଚେରବାସୀ ସରକାରଙ୍କୁ ସବୁଠାରୁ ଅଧିକ ରାଜସ୍ୱ ଦେଉଛନ୍ତି। ଏଠାରୁ ଅଧିକ କୋଇଲା ଓ ବିଜୁଳି ଉତ୍ପାଦନ ହେଉଛି। ଏହାଦ୍ୱାରା ଏହି ଅଞ୍ଚଳ ଦେଶର ସବୁଠାରୁ ଅଧିକ ପ୍ରଦୂଷିତ ଅଞ୍ଚଳ ଭାବେ ବିବେଚିତ ହୋଇଛି। ପ୍ରଦୂଷଣରେ ଧୂଳିଧୂଆଁ ଖାଇ ତାଳଚେରବାସୀ ବିଭିନ୍ନ ମାରାତ୍ମକ ରୋଗରେ ପୀଡ଼ିତ ହେଉଥିବାବେଳେ ଉପଯୁକ୍ତ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ତେଣୁ ତାଳଚେରବାସୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ମେଡିକାଲ କଲେଜର ହସ୍ପିଟାଲକୁ ପବିତ୍ର ମୋହନ ହସପିଟାଲ ତାଳଚେରଠାରେ କରାଯିବାକୁ କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିଲା।

# କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ବାଲ୍ୟ ବିବାହ ମୁକ୍ତି ରଥ ଉଦ୍‌ଘାଟିତ

ଅନୁଗୋଳ,୨୮।୨(ଦିବ୍ୟଶାନ୍ତନୁ ନାଥ)

ବିଶ୍ୱ ଯୁବକେନ୍ଦ୍ର ଅନୁଗୋଳ ଓ ଜଷ୍ଟ ରାଇଟ୍ ଫର୍ ଚିଲଡ୍ରେନ୍‌ର ମିଳିତ ଉଦ୍ୟମରେ ୨୦୨୩ ମସିହାଠାରୁ ବାଲ୍ୟ ବିବାହ ନିଷେଧ ଅଭିଯାନ ଚାଲୁ ରହିଛି। ଉକ୍ତ ଅଭିଯାନର ଏକ କାର୍ଯ୍ୟକ୍ରମ ସ୍ୱରୂପ ଶନିବାର ଅନୁଗୋଳ ବିଜୁ ମଇଦାନଠାରେ ବାଲ୍ୟ ବିବାହ ମୁକ୍ତ ସଚେତନତା ରଥ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣି ସମ୍ପଦ ବିକାଶ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ, ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ପ୍ରମୁଖ ଯୋଗ ଦେଇଥିଲେ। ବିଶ୍ୱ ଯୁବକେନ୍ଦ୍ରର ସଭାପତି ବସନ୍ତ କୁମାର ପ୍ରଧାନ, ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଓ ସହ ସମ୍ପାଦକ କ୍ଷୀରେନ୍ଦ୍ର ମୋହନ ଦେହୁରୀ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଅତିଥିମାନେ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ଅନୁଗୋଳ ଓ ବୌଦ୍ଧ ଜିଲା ପରିଭ୍ରମଣ କରିବା ସହ ବିଭିନ୍ନ ସ୍କୁଲ, କଲେଜ, ସରକାରୀ କାର୍ଯ୍ୟାଳୟ, ଗ୍ରାମସ୍ତରରେ ସଚେତନତା ବାର୍ତ୍ତା ପ୍ରଚାର କରିବ। ମାର୍ଚ୍ଚ ୮ ତାରିଖ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଏହି ରଥ ବୌଦ୍ଧ ଜିଲାରେ ଉଦ୍‌ଯାପିତ ହେବ।

# ୫ ବଖରା ଜଳିଗଲା, ସହାୟତା ଦାବି

ବଇଣ୍ଡା, ୨୮।୨(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଗାଁ ବଇଣ୍ଡା ଗ୍ରାମରେ ଶୁକ୍ରବାର ନିଆଁଲାଗି ମଦନ ଦେହୁରୀଙ୍କ ୫ ବଖରା ଚାଳଘର ଜଳିଯାଇଛି। ସ୍ଥାନୀୟ ଲୋକେ ଓ ବାମୁର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁ ଆୟତ କରିଥିଲେ। ତୁରନ୍ତ କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ସାଧାରଣରେ ଦାବି ହୋଇଛି। ଖବରପାଇ ବଇଣ୍ଡା ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ସନାତନ ସାହୁ, ସମ୍ପାଦକ ସୁକାନ୍ତ କୁମାର ରଣା, ଯୁଗ୍ମ ସମ୍ପାଦକ ଅର୍ଜୁନ କୁମାର ସାହୁ, କୋଷାଧ୍ୟକ୍ଷ କୃପାସିନ୍ଧୁ ନାୟକ, ବୃନ୍ଦାବନ ପ୍ରଧାନ, ପ୍ରମୋଦ କୁମାର ପ୍ରଧାନ, ଶ୍ରୀଧର ବେହେରା, ଅନାମ ଚରଣ ସାହୁ, କିଶୋର ଚନ୍ଦ୍ର ପଟ୍ଟନାୟକ, ବସନ୍ତ ଗଡ଼ନାୟକ ପ୍ରମୁଖ ଅଗ୍ନି ବିପନ୍ନ ପରିବାରକୁ ଭେଟି ଅନ୍ନ, କପଡା ଏବଂ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ।

# ମହୀଧରପୁର ଫାଣ୍ଡିରେ ବିଦାୟକାଳୀନ ସମ୍ବର୍ଦ୍ଧନା



ଫାଣ୍ଡିର ୨ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

ସନ୍ଥୀଛକ,୨୮।୨(ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଁଅରପାଳ ଥାନା ମହୀଧରପୁର ଫାଣ୍ଡି ପରିସରରେ ଶନିବାର କନ୍‌ଷ୍ଟେବଲ ବିଶ୍ୱରଞ୍ଜନ ଜେନାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ମହୀଧରପୁର ଫାଣ୍ଡିରେ ଦୀର୍ଘଦିନ ଧରି କାର୍ଯ୍ୟକରିବା ପରେ ତାଙ୍କର ପୁରୁଣାକୋଟ ଥାନାକୁ ବଦଳି ହୋଇଛି। ଏଥିସହ ଉକ୍ତ ଫାଣ୍ଡିରେ ଚାକିରି ଜୀବନ ସମ୍ପୂର୍ଣ୍ଣ କରିଥିବା ଗୃହରକ୍ଷୀ ଛକୁଡ଼ିଆ ସେଠୀଙ୍କୁ ମଧ୍ୟ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଫାଣ୍ଡି ଅଧିକାରୀ ମାନସ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଫାଣ୍ଡିର ସମସ୍ତ କର୍ମଚାରୀ ଯୋଗଦେଇଥିଲେ। ବିଦାୟୀ ୨କର୍ମଚାରୀଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଥାନାର ଅନ୍ୟ କର୍ମଚାରୀ ଉପସ୍ଥିତ ରହି ବିଦାୟୀ କର୍ମଚାରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ଅନୁଗୋଳ ଡାକ ଡିଭିଜନ, ପାସ୍‌ପୋର୍ଟ ସର୍ଭିସ ଦାବି

ଅନୁଗୋଳ,୨୮।୨(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଡାକ ବିଭାଗକୁ ଢେଙ୍କାନାଳ ଡିଭିଜନ ଠାରୁ ଅଲଗା କରି ଏକ ନୂଆ ଡିଭିଜନ କରିବା ଓ ଅନୁଗୋଳ ଡାକ ଘରେ ପାସପୋର୍ଟ ସର୍ଭିସ ପ୍ରଦାନ କରିବା ପାଇଁ ଜିଲା ସ୍ୱେଚ୍ଛାସେବୀ ସଂଘ ତରଫରୁ ଶନିବାର ଅନୁଗୋଳ ଗସ୍ତରେ ଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ଅନୁଗୋଳ ମୁଖ୍ୟ ଡାକଘର ବହୁ ପୁରୁଣା। ଏଠାରେ ଅଧିକ କାରବାର ହେଉଥିବାରୁ ଏବେ ଏହା ରାତିରେ ମଧ୍ୟ ଚାଲୁ ରହିଛି। ଏହା ଢେଙ୍କାନାଳ ଡିଭିଜନ ଅଧୀନରେ ଥିବାରୁ ଅନେକ ସମସ୍ୟା ଉପୁଜୁଛି। ତେଣୁ ଏହାକୁ ସ୍ୱତନ୍ତ୍ର ଡିଭିଜନରେ ପରିଣତ କରିବା ସହ ପାସପୋର୍ଟ ସର୍ଭିସ ବ୍ୟବସ୍ଥା କରାଗଲେ ଜିଲାବାସୀ ଉପକୃତ ହୋଇପାରିବେ ବୋଲି ସାମାଜିକ କର୍ମୀ ପର୍ଶୁରାମ ଦାଶ ଓ ଅନ୍ୟମାନେ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନା କରିଛନ୍ତି।

# ଜୋର୍‌ଦାର ଆନ୍ଦୋଳନ କରିବାକୁ ଚେତାବନୀ

## ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଉନାହିଁ



ବୈଠକରେ ଜୀବନ ଜୀବିକା ଓ ଜମି ସୁରକ୍ଷା କମିଟି କର୍ମକର୍ତ୍ତାମାନେ।

ବଇଣ୍ଡା, ୨୮।୨(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ଅଞ୍ଚଳରେ ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ ନିର୍ମାଣ ହେଉନାହିଁ। ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଦୀର୍ଘବର୍ଷ ଧରି ଦାବି ହେଉଥିଲେ ମଧ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଫଳରେ ଏହି ପ୍ରକଳ୍ପ ନିର୍ମାଣ ପାଇଁ ଆନ୍ଦୋଳନ କରାଯିବ ବୋଲି ଶନିବାର ଜୀବନ ଜୀବିକା ଓ ଜମି ସୁରକ୍ଷା କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏ ନେଇ କମିଟି ପକ୍ଷରୁ ଜଏରାଟ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ଉପସଭାପତି ପୀତାମ୍ବର ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ରବୀନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ରମଣି ରଞ୍ଜନ ପ୍ରଧାନ, ତୀର୍ଥବାସୀ ଭୋଇ, କିଶୋରୀ ପ୍ରଧାନ, ବାବାଜୀ ଚରଣ ପ୍ରଧାନ, ଯୋଗୀନ୍ଦ୍ର ବିଶ୍ୱାଳ, ରବିନାରାୟଣ ବାରିକ, ରମେଶ ଲୁହା, ଚିତ୍ତରଞ୍ଜନ ମେଣ୍ଡୁଲି ପ୍ରମୁଖ ଯୋଗଦେଇ ବାରମ୍ବାର ଦାବି ସତ୍ତ୍ୱେ ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ରାଜ୍ୟ ସରକାରଙ୍କ ଉଦାସୀନତାର ତୀବ୍ର ନିନ୍ଦା କରିଥିଲେ। ଏଥିସହ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଲଗାତର ଶକ୍ତିଶାଳୀ ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ନିଷ୍ପତ୍ତି କରିଥିଲେ। ବ୍ଲକ ଅଫିସ ସମ୍ମୁଖରେ ଲଗାତାର ଆନ୍ଦୋଳନ କରିବା ପାଇଁ କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି।

